# Akashvani, Sambalpur

## SAMBALPURI NEWS EVENING BULLETIN

## 11 November 2024- 7.02 pm- 7.12 pm.

*********************************************

୧- ଦେଶର୍ ୫୧ ନମ୍ବର୍ ପ୍ରଧାନ୍ ବିଚାର୍‌ପତି ଭାବେ ଶପଥ୍ ନେଲେ ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ।

୨- ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍‌ର ନର୍ସମାନ୍‌କର୍ ଡ୍ରେସ୍ କୋଡ୍ ବଦ୍‌ଲାବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ନିଷ୍ପତି ।

୩- ବଦ୍‌ଲି କି ପୋଷ୍ଟିଂ ଲାଗି କେନ୍‌ସି ପ୍ରକାର୍‌ର ଚାପକେ ବିଶୃଙ୍ଖଳା ଆଚରଣ୍ ଧରାଯିବା ବଲି କହେଲେ ମୁଖ୍ୟ ଶାସନ୍ ସଚିବ ।

ଆଉର୍

୪- କାର୍ତିକ୍ ମାସର୍ ଭିଡ୍‌କେ ନଜର୍‌ଥି ରଖିକରି ପୁରୀ ଶ୍ରୀମନ୍ଦିର୍‌ର ଧ୍ୱଜାବନ୍ଧା ନୀତି ଲାଗି ନୂଆଁ ସମିଆ ଧାରିଜ୍ ।

ସୁପ୍ରିମ୍‌କୋର୍ଟ - ପ୍ରଧାନ୍ ବିଚାର୍‌ପତି ଆର୍‌ଏନ୍‌ୟୁ/ କଟକ୍

ସୁପ୍ରିମ୍‌କୋର୍ଟର ୫୧ ନମ୍ବର୍ ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଆଏଜ୍ ଶପଥ୍ ଗ୍ରହଣ୍ କରିଛନ୍ । ରାଷ୍ଟ୍ରପତି ଭବନ୍ ନ ହେଇଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଖାନ୍ନାଙ୍କୁ ଶପଥ୍ ପାଠ୍ କରେଇଛନ୍ । ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼୍ ଗଲାକାଏଲ୍ ଦେଶର୍ ପ୍ରଧାନ୍ ବିଚାର୍‌ପତି ପଦନୁ ଅବସର ନେବାର୍ ଉତ୍‌ରୁ ଆଏଜ୍ ଜଷ୍ଟିସ୍ ଖାନ୍ନା ଦାୟିତ୍ୱ ନେଇଛନ୍ । ଶପଥ୍ ଗ୍ରହଣ୍ ଉତ୍ସବ୍ ନ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଆର୍ ସୁପ୍ରିମ୍‌କୋର୍ଟର ବିଚାର୍‌ପତିମାନେ ଉପସ୍ଥିତ୍ ଥିଲେ । ୧୯୬୦ ମସିହା ମେ ମାସର୍ ୧୪ ତାରିଖେ ଜନ୍ମ ଗ୍ରହଣ୍ କରିଥିବା ଜଷ୍ଟିସ ଖାନ୍ନା ୧୯୮୩ ମସିହାଥି ଦିଲ୍ଲୀ ବାର୍ କାଉନ୍‌ସିଲ୍ ନ ଆଇନ୍‌ଜୀବୀ ଭାବେ ପଞ୍ଜିକୃତ ହେଇଥିଲେ । ୨୦୦୫ ମସିହା ନ ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ହାଇକୋର୍ଟ ନ ପହେଲା ଅତିରିକ୍ତ ବିଚାର୍‌ପତି ଆଉ ୨୦୦୬ ମସିହାଥି ଥାୟୀ ବିଚାର୍‌ପତି ଭାବେ ନିଯୁକ୍ତି ପାଇଥିଲେ । ୨୦୧୯ ମସିହାଥି ସେ ସୁପ୍ରିମ୍‌କୋର୍ଟର ବିଚାର୍‌ପତି ପଦକେ ପଦୋନ୍ନତ ହେଇଥିଲେ । ତାଙ୍କର୍ କାର୍ଯ୍ୟକାଳ ସମିଆଥି ସେ ଇଲେକ୍ଟ୍ରୋରାଲ୍ ବଣ୍ଡ ଯୋଜ୍‌ନାର୍ ଉଚ୍ଛେଦ୍ ଆର୍ ଇଭିଏମ୍ ବେଭାର୍ ସହେତେ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ମାମ୍‌ଲାଥି ଐତିହାସିକ୍ ରାୟ ଦେଇଥିଲେ । ଜଷ୍ଟିସ୍ ଖାନ୍ନା ପ୍ରଧାନ୍ ବିଚାର୍‌ପତି ପଦଥି ୬

ମାସ୍ କାର୍ଯ୍ୟ କରିକରି ୨୦୨୫ ମସିହା ମେ ମାସର୍ ୨୫ ତାରିକେ ଅବସର ଗ୍ରହଣ୍ କରବେ ।

ନର୍ସିଂ ଡ୍ରେସ୍ କୋଡ଼ ଆର୍ଏନ୍ୟୁ/ କଟକ୍

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ଅଧୀନ୍‌ଥି କାମ୍ କରୁଥିବା ନର୍ସ ମାନ୍‌କର୍ ଡ୍ରେସ୍‌କୋଡ଼ ବଦ୍‌ଲା ଯାଇଛେ । ନର୍ସମାନେ ଏତ୍‌କେ ନୂଆଁ ରଙ୍ଗ ଆର୍ ଡିଜାଇନ୍‌ର ଡ୍ରେସ୍ ପିନ୍ଧ୍‌ବେ । ହାଲ୍‌କା ବାଇଗଣି ରଙ୍ଗର୍ ଡ୍ରେସ୍‌ଥି ସମ୍ବଲ୍‌ପୁରୀ ଛିଟ୍ ରହେବା । ପୁରୁଷ ଆଉ ମହିଳା ନର୍ସମାନେ ହାଲ୍‌କା ବାଇଗଣି ରଙ୍ଗ ପେଂଟ୍ ଆର୍ ସାର୍ଟ ପିନ୍ଧ୍‌ବେ । ସହକାରୀ ନର୍ସିଂ ଅଧିକ୍ଷିକା ମାନେ ଫିକା ନିଲିଆ ରଙ୍ଗର୍ ଡ୍ରେସ୍ ପିନ୍ଧ୍‌ବେ । ଉପ ନର୍ସିଂ ଅଧିକ୍ଷିକାଙ୍କର୍ ଧଳାଶାଢ଼ୀ ଆର୍ ଡ୍ରେସ୍ ରହେବା । ସେଥି ଥିବାର୍ ଏପ୍ରୋନ୍ କଲରଥି ସମ୍ବଲ୍‌ପୁରୀ ଛିଟ୍ ରହେବା ବଲି ନିଷ୍ପତି ନିଆଯାଇଛେ । ପୁରୁଷ ଉପ ନର୍ସିଂ ଅଧିକ୍ଷିକାଙ୍କର୍ ଧଳା ଜାକେଟ୍ କଲରଥି ଭିଲ୍ ସମ୍ବଲ୍‌ପୁରୀ ଚିଠ ରହେବା । ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସହେତେ ଆଲୋଚନା ଉତ୍‌ରୁ ସର୍‌କାର୍ ଇ ନିଷ୍ପତି ନିଆଯାଇଥିବାର୍ ଜନାପଡ଼ିଛେ ।

ବଦଲି ଚାପ- କାର୍ଯ୍ୟାନୁଷ୍ଠାନ୍ ଆର୍ଏନ୍ୟୁ/ସମ୍ବଲପୁର

ସର୍କାରୀସ୍ତର୍ ନ ବଦ୍‌ଲି ଆଉ ପୋଷ୍ଟିଂ ଲାଗି କେନ୍‌ସି ଚାପ ପକଉଥିବାର୍ କର୍ମଚାରୀମାନ୍‌କର୍ ଉପ୍‌ରେ ଶୃଙ୍ଖଲାଗତ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଇ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଏଜ୍ ସବୁ ବିଭାଗ୍‌ର ସଚିବ ଆର୍ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଜରିଏ ଜନେଇଛନ୍ । କିଛି ସର୍କାରୀ କର୍ମଚାରୀ ବଦ୍‌ଲି ଆଉ ପୋଷ୍ଟିଂ ଲାଗି ଚାପ ପକାବାର୍‌କେ ଉଦ୍ୟମ୍ କରୁଥିବାର୍ ନଜର୍‌କେ ଆସିଛେ । ଇଟା ଓଡ଼ିଶା ସର୍କାରୀ କର୍ମଚାରୀ ଆଚରଣ ନିୟମ୍‌ର ଉଲ୍ଲଂଘନ୍ ଆଏ । କର୍ମଚାରୀମାନ୍‌କର୍ ବଦ୍‌ଲି ଆଉ ପୋଷ୍ଟିଂ ପ୍ରଶାସନିକ୍ ଆବଶ୍ୟକତା, ଗୁଣମାନର ବିଚାର୍ ଆର୍ ପଦ୍ଧତିକେ ଅନୁସରଣ୍ କରିକରି ନିଆଯାଏସି । ଇତାର୍ ବିରୁଦ୍ଧାଚରଣକେ ଗୁରୁତର ଅସଦାଚରଣ୍ ବଲି ଧରାଯାଇକରି ଶୃଙ୍ଖଲା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟ ଶାସନ୍ ସଚିବ ତାଙ୍କର୍ ଚିଠିଥି ଲେଖିଛନ୍ ।

ମହିଳାଙ୍କୁ ଅତିରିକ୍ତ ସାମୟିକ ଛୁଟି ଆର୍‌ଏନ୍‌ୟୁ/ସମ୍ବଲପୁର

ମାସିକ୍ ଋତୁସ୍ରାବ ସମିଆଥି ମହିଳା ସର୍କାରୀ କର୍ମଚାରୀଙ୍କୁ ବଛର୍‌କ ୧୨ ଦିନର୍ ଅତିରିକ୍ତ ଛୁଟି ବାବ୍‌ଦେ ହେଇଥିବାର୍ ନିଷ୍ପତି ଅନ୍‌ସାରେ ଆଏଜ୍ ଅର୍ଥ ବିଭାଗ୍ ତର୍‌ଫୁ ବିଧିବଦ୍ଧ

ବିଜ୍ଞପ୍ତି ବାହାର୍ କରାଯାଇଛେ । ଇ ବିଜ୍ଞପ୍ତି ଅନ୍‌ସାରେ ସବୁ ସର୍‌କାରୀ ମହିଲା କର୍ମଚାରୀ ୫୫ ବରସ୍ ବୟସ୍ ପୁରଣ୍ ହେବାର୍‌ତକ୍ ବଛର୍‌କ୍ ୧୨ ଦିନର୍ ଇ ଅତିରିକ୍ତ ସାମୟିକ ଛୁଟି ନେଇପାର୍‌ବେ । ଫି ମାସର୍ ଦିନେ ଋତୁସ୍ରାବ ଜନିତ ଛୁଟି ସେହି ମାସ ହିଁ ନେବାର୍‌କେ ପଡ଼୍‌ବା । ଗୁଟେ ମାସର୍ ଛୁଟି ଆଏବା ମାସ୍‌କେ ସ୍ଥାନାନ୍ତରିତ୍ ନାଇଁ କରାଯାଏ ବଲି ବିଭାଗ୍ ତର୍‌ଫୁ ଫଟି କରାଯାଇଛେ ।

ସୁରଭି ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିଶୁ ଦିବସ୍ ଅବ୍‌ସରେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଆଏବା କାଏଲ୍‌ନୁ ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ଠାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ - ସୁରଭି ମୁଲ୍ ହେବା । ଇଥି ବ୍ଲକ୍ ଆର୍ ଜିଲ୍ଲାସ୍ତର୍‌ଥି ଭିନ୍ ଭିନ୍ ପ୍ରତିଯୋଗିତାର୍ ବିଜେତା ଛାତ୍ରଛାତ୍ରୀମାନେ ଯୋଗ୍ ଦେବେ । ଇ ୩ ଦିନିଆ କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କର୍ ଲାଗି ଅଲ୍‌ଗା ଅଲ୍‌ଗା ପ୍ରତିଯୋଗିତା, ପରିଭ୍ରମଣ୍, ବିଶିଷ୍ଟ ବ୍ୟକ୍ତିଙ୍କର୍ ସାଙ୍ଗେ ସାକ୍ଷାତ୍‌କାର୍, ବିଜ୍ଞାନ୍ ପ୍ରକଳ୍ପ ଆର୍ ଭିନ୍ ଭିନ୍ ପ୍ରଦର୍ଶନୀ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ଆଏବା ୧୪ ତାରିଖ୍ ଦିନ ଇ ଶିଶୁ ମହୋତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଓଡ଼ିଶା ପୁଲିସ୍ ଅଧିକାରୀ- ଗୃହମନ୍ତ୍ରୀ ପଦକ୍

ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶାର୍ ୩ ଝନ୍ ପୁଲିସ୍ ଇନ୍ସପେକ୍ଟର୍ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ୍ -୨୦୨୪ ହାସଲ୍ କରିଛନ୍ । ଅପରାଧ୍ ଅନୁସନ୍ଧାନ୍‌ଥି ଉତ୍କର୍ଷତା ଲାଗି ଇ ପଦକ ପାଇଥିବାର୍ ପୁଲିସ୍ ଇନ୍ସପେକ୍ଟର୍‌ମାନେ ହେଲେ ଗଜପତି ଜିଲ୍ଲାର ସବ୍ୟସାଚୀ ମଲ୍ଲ, ଗଞ୍ଜାମ୍‌ର ରାଜେନ୍ଦ୍ର ନାରାୟଣ୍ ପଟ୍ଟନାୟକ୍ ଆର୍ ମାଲ୍‌କାନ୍‌ଗିରିର ରିଗାନ୍ କିଣ୍ଡୋ । ଇ ଅଧିକାରୀମାନେ ଇ ପଦକ୍ ପାଏବାର୍‌ଟା ଗର୍ବର୍ ବିଷୟ ଆଏ ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କହିଛନ୍ ।

ମହିଳା କମିଶନ୍ ଅଧ୍ୟକ୍ଷା- ଇସ୍ତଫା ଆର୍ଏନ୍ୟୁ/ କଟକ୍

ରାଜ୍ୟ ମହିଳା କମିଶନ୍ ଅଧ୍ୟକ୍ଷା ପଦନୁ ମିନତୀ ବେହେରାଙ୍କୁ ପ୍ରତ୍ୟାହାର୍ କରାଯାଇଛେ । ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ଗୁଟେ ବିଜ୍ଞପ୍ତିନୁ ଇଟା ଜନାପଡ଼ିଛେ । ଇନ

ଜନେଇ ଦିଆଯାଇପାରେ ଯେ, ଗଲା ମାସ ୨୯ ତାରିଖେ କମିଶନ୍‌ର ଅଧ୍ୟକ୍ଷ ମିନତୀ ବେହେରାଙ୍କୁ ବିଭାଗ୍ ତର୍‌ଫୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ନଭେମ୍ବର୍ ପହେଲାଥି ଶ୍ରୀମତୀ ବେହେରା ନୋଟିସ୍‌ର ଜବାବ୍ ଦାଖଲ୍ କରିଥିଲେ । ହେଲେ ଉତର୍ ସନ୍ତୋଷ୍‌ଜନକ୍ ନୁହେଁ ବଲି ଦର୍ଶେଇକରି ତାଙ୍କୁ ଅଧ୍ୟକ୍ଷା ପଦନୁ ପ୍ରତ୍ୟାହାର୍ କରାଯାଇଛେ ।

ଖୋବ୍ ଜଲ୍‌ଦି ରାଜ୍ୟ ମହିଲା କମିଶନ୍ ଅଧ୍ୟକ୍ଷା ପଦଥି ନୂଆଁ ନିଯୁକ୍ତି ହେବା ବଲି ମହିଲା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

ଶ୍ରୀମନ୍ଦିର୍ - ଧ୍ୱଜାବନ୍ଧା ନୀତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ କାର୍ତ୍ତିକ୍ ମାସର୍ ଭିଡ୍‌କେ ନଜର୍‌ଥି ରଖିକରି ସଞ୍ଜ୍‌ବେଲ୍ ବଦ୍‌ଲେ ଉପର୍‌ବେଲା ସାଢ଼େ ୩ ନୁ ୪ ବଜେ ଭିତ୍‌ରେ ଧ୍ୱଜାବନ୍ଧା ନୀତି ସମ୍ପନ୍ନ କର୍‌ବାର୍ ଲାଗି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ । ଚୁନରା ସେବକ୍ ମାନ୍‌କୁ ଇ ବାବ୍‌ଦେ ଦର୍‌କାରୀ ସୂଚନା ଦିଆଯାଇଛେ । ଉପର୍‌ବେଲା ମନ୍ଦିର୍ ନ ଭିଡ୍ ଟିକେ କମ୍ ହେଉଥିବାର୍‌ନୁ ଧ୍ୱଜାବନ୍ଧା ନୀତି ସୁରୁଖୁରୁଥି ହେଇପାର୍‌ବା । ଇ ନୀତି ଦେଖିବାର୍ ଲାଗି ମନ୍ଦିର୍ ଭିତ୍‌ରେ ଆର୍ ସିଂହଦୁଆର୍ ବାହାରେ ରାସ୍ତା ନ ଭକ୍ତମାନ୍‌କର୍ ଗହଲି ରହୁଥିବାର୍‌ନୁ

ସଞ୍ଜ୍‌ବେଲେ ବଦ୍‌ଲା ଉପର୍‌ବେଲା ୩ ବଜେ ଇ ନୀତି ସମ୍ପନ୍ନ କର୍‌ବାର୍ ଲାଗି ନିଷ୍ପତି ହେଇଛେ । ନୂଆଁ ସମିଆ ଅନ୍‌ସାରେ ଧ୍ୱଜା ବନ୍ଧା ସମ୍ପନ୍ନ କର୍‌ବାର୍‌କେ ସମ୍ପୃକ୍ତ ସେବକ୍‌ମାନ୍‌କୁ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

କାର୍ତିକ୍ ମାସର୍ ଶେଷ୍ ସୋମ୍‌ବାର୍ ଆର୍‌ଏନ୍‌ୟୁ/ କଟକ୍

କାର୍ତିକ୍ ମାସର୍ ଶେଷ୍ ସୋମ୍‌ବାର୍‌ଥି ଆଏଜ୍ ରାଜ୍ୟର୍ ଶିବମନ୍ଦିର୍ ମାନ୍‌କେ ଭୋର୍ ସମିଆଥୁ ଶ୍ରଦ୍ଧାଳୁମାନ୍‌କର୍ ଭିଡ୍ ହେଇଥିଲା । ମାହାପୁରୁଙ୍କର୍ ଦର୍ଶନ୍ ଆଉ ସୁବ୍ୟବସ୍ଥିତ ନୀତିକାନ୍ତି ଲାଗି ପଦକ୍ଷେପ୍ ନିଆଯାଇଛେ । କଟକ୍‌ର ପ୍ରସିଦ୍ଧ ଧବଳେଶ୍ୱର୍ ନ ପଂଚକ୍ ବ୍ରତ ଆର୍ ବଡ଼ଓଷାର୍ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛେ । ୧୩ ତାରିଖ୍ ଦିନ ବଡ଼ ଓଡ଼ିଆ ଆର୍ ୧୪ ତାରିଖ୍ ଦିନ ଗଜଭୋଗ ବଂଟାଯିବା । ଇ ବଛର୍ ମନ୍ଦିର୍ ପରିସର୍ ଆର୍ ଚାର୍‌ହିକୁଡି ସିସିଟିଭି କେମ୍‌ରା ଲଗାଯାଇଛେ ।

ହେନ୍ତା ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ବିମଳେଶ୍ୱର୍, ମାନ୍‌ଧାତା, ସୋମେଶ୍ୱର୍, କନ୍ତେଶ୍ୱର୍, ମୁକ୍ତେଶ୍ୱର୍, ବମ୍‌ବରାଡ଼ ବାଲୁଙ୍କେଶ୍ୱର୍, ଲୋକନାଥ, ଜାଗେଶ୍ୱର୍ ସହେତେ ଆଉ ଅଲ୍‌ଗା ମହାଦେବ୍‌ଗୁଡ଼ିମାନ୍‌କେ ପାନି ଚଢ଼ାବାର୍ ଆର୍ ପୂଜା କର୍‌ବାର୍ ଲାଗି ଭକ୍ତମାନ୍‌କର୍ ଲମ୍ବା ଧାଡ଼ି ଦେଖିବାର୍‌କେ ମିଲ୍‌ଥିଲା । ହେନ୍ତା ଅଲ୍‌ଗା ମନ୍ଦିର୍ ମାନ୍‌କେ

ଭିଲ୍ ଭକ୍ତମାନେ ସଖାଲୁ ଦେବାଦେବୀଙ୍କର୍ ଦର୍ଶନ୍ କରିଥିଲେ ।

ଜନଅଭିଯୋଗ୍ ଶୁଣାଣି ଶିବିର ସୁବର୍ଣ୍ଣପୁର୍ /ବର୍‌ଗଡ଼୍/ସମ୍ବଲପୁର/ଦେବ୍‌ଗଡ଼୍/ନୂଆପଡ଼ା/ଝାର୍‌ସୁଗୁଡ଼ା/କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ଜନଶୁଣାଣି ଶିବିରଥି ୭୭ ଟା ମାମ୍‌ଲାର୍ ଶୁଣାଣି କରିଥିଲେ ।

ବର୍‌ଗଡ଼୍ ଜିଲ୍ଲାର୍ ସୋହେଲା ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର ନ ଜିଲ୍ଲାପାଲ ଆର୍ ଏସ୍.ପି.ଙ୍କର୍ ଉପସ୍ଥିତିଥି ଅଭିଯୋଗ୍ ଶୁଣାଣି ଶିବିର ହେଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ କଲ୍ୟାଣ୍‌ମଣ୍ଡପ୍ ଠାନେ ଜିଲ୍ଲାପାଲ୍‌ଙ୍କର୍ ଅଭିଯୋଗ୍ ଶୁଣାଣି ଶିବିରଥି ୨୦ ଟା ମାମ୍‌ଲା ଗ୍ରହଣ୍ କରାଯାଇଥିଲା ।

ସମ୍ବଲ୍‌ପୁର୍ ଜିଲ୍ଲା ଜମନ୍‌କିରା ବ୍ଲକ୍ ନ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ମିଲିତ୍ ଶିବିର୍ ନ ୫୬ ଟା ଅଭିଯୋଗ୍‌ର ସମାଧାନ୍ କରାଯାଇଥିବାର୍ ବେଲେ ହିତାଧିକାରୀମାନ୍‌କୁ ହ୍ୱିଲ୍ ଚେୟାର୍ ଦିଆଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ମିଲିତ ଅଭିଯୋଗ୍ ଶୁଣାଣି ଶିବିରଥି ୮୬ ଟା ଅଭିଯୋଗ୍ ଆସିଥିଲା ।

ଝାର୍‌ସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ନ ଜିଲ୍ଲାପାଲ୍ ଆର୍ ଏସ୍.ପି. ୧୮ ଟା ଅଭିଯୋଗ୍‌ର ଶୁଣାଣି କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲା ଥୁଆମୁଲ୍ ରାମ୍‌ପୁର୍ ବ୍ଲକ୍ ଠାନେ ଅଭିଯୋଗ୍ ଶୁଣାଣି ଆର୍ ସମାଧାନ୍ ଶିବିର ନ ୪୩ ଟା ଆବେଦନ୍‌ର ଫଇସଲା କରାଯାଇଥିଲା ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ଜାତୀୟ ଶିକ୍ଷା ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଜାତୀୟ ଶିକ୍ଷା ଦିବସ୍ । ଫି' ବଛର୍ ଆଝିର୍ ଦିନ ଦେଶର୍ ପହେଲା ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କର୍ ଜୟନ୍ତୀକେ ମନେ ରଖ୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ସ୍ୱାଧୀନ୍ ଭାରତ୍ ନ ଗାଁ ଗହଲର୍ ଗରିବ୍ ଆର୍ ଟୁକେଲ୍ ମାନ୍‌କୁ ଶିକ୍ଷିତ୍ କର୍‌ବାର୍ ଲାଗି ତାଙ୍କର୍ ମୁଖିଆ ଉଦ୍ଦେଶ୍ ଥିଲା । ସେ ସମିଆଥି ପୌଢ଼ ସାକ୍ଷରତା, ୧୪ ବରସ୍ ବୟସ୍‌ତକ୍ ସବୁ ପିଲା ଟୁକେଲ୍‌ମାନ୍‌କୁ ମାହାଲିଆ ଆର୍ ବାଧ୍ୟତାମୂଳକ୍ ଶିକ୍ଷା ଉପ୍‌ରେ ସେ ଫୋକସ୍ ରଖିଥିଲେ । ବିଶ୍ୱସ୍ତରୀୟ ପ୍ରାଥମିକ ଶିକ୍ଷା,

ମାଧମିକ ଶିକ୍ଷାର ବିବିଧତା ଆଉ ଧନ୍ଦାମୂଲକ୍ ତାଲିମ୍‌କେ ସେ ଶିକ୍ଷାମନ୍ତ୍ରୀ ଥିବାର୍ ସମିଆଥି ଜୋର୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍/ ତୁଳସୀ ରଥ        ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା କୋଟ୍‌ସମ୍‌ଲେଇ ନୁ ପୁରୀ ଶ୍ରୀକ୍ଷେତ୍ରକେ ବାହାରିଥିବା ତୁଳସୀ ରଥକେ ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ସ୍ୱାଗତ୍ କରାଯାଇଥିଲା । ବୌଦ୍ଧ, ବୁଟୁପାଲି, ମନମୁଣ୍ଡା, ବାଉଁଶୁଣି, ପୁରୁଣାକଟକ୍ ଠାନେ ଘଂଟ, ଶଙ୍ଖ ଆର୍ କୀର୍ତନ୍ ସହେତେ ଭକ୍ତମାନେ ତୁଳସୀ ଆର୍ ଫୁଲ୍ ରଥ ନ ପ୍ରଦାନ୍ କରିଥିଲେ ।